## ସଂକ୍ଷେପରେ

### ଅଡ଼ବାରୁ ଲୁଟେରା ଗିରଫ

**ବ୍ରହ୍ମପୁର ଅଫିସ,୭।୫:** ମୋବାଇଲ ଟ୍ରାକିଂ କରି ଜଣେ ଲୁଟେରାଙ୍କୁ ଟାଉନ ଥାନା ପୋଲିସ ଗଜପତି ଜିଲା ଅଡ଼ବାରୁ ଗିରଫ କରି ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଜବତ କରିଛି। ସେ ଚୋରି କରି ନେଇଯାଇଥିବା ସୁନା ଗହଣା ବିକ୍ରି କରି ଦେଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଅଡ଼ବା ଥାନା ଅନ୍ତର୍ଗତ ଅଲିଗଣ୍ଡ ଗ୍ରାମର ଅମିତ ନାୟକ(୨୭)। ମାମଲା ନମ୍ବର ୨୫୨/୨୨ରେ ରବିବାର ଅମିତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବିଜିପୁର ଅମ୍ବିକାନଗରରେ ଶିଳ୍ପା ବିଷୋୟୀ ଓ ତାଙ୍କ ଭଉଣୀ ଏକ ଘର ଭଡ଼ା ନେଇ ସେଠାରେ ରହୁଥିଲେ। ୨୦୨୨ ସେପ୍ଟେମ୍ବର ୮ରେ ତାଙ୍କ ଘରୁ ପ୍ରାୟ ଦୁଇ ଭରି ଓଜନର ବିଭିନ୍ନ ସୁନା ଗହଣା ଓ ଦୁଇଟି ମୋବାଇଲ ଫୋନ ଚୋରି ହୋଇଥିଲା। ଶିଳ୍ପା ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ଲୁଟେରା ଜଣଙ୍କ ଚୋରି କରି ନେଇଥିବା ମୋବାଇଲ ସୁଇଚ ଅଫ କରି ରଖିଥିଲେ। ଫଳରେ ଲୁଟେରାଙ୍କୁ ଧରିବା ପାଇଁ ପୋଲିସକୁ କଷ୍ଟକର ହୋଇଥିଲା। ଗତ କିଛିଦିନ ତଳେ ଅମିତ ଉକ୍ତ ମୋବାଇଲ ବ୍ୟବହାର କରିବାରୁ ନମ୍ବର ଟ୍ରାକିଂ କରି ଅମିତଙ୍କୁ ପୋଲିସ ଧରିଥିଲା।

### ସାକ୍ଷୀଙ୍କୁ ଧମକ ଅଭିଯୋଗରେ ଜଣେ କୋର୍ଟଚାଲାଣ

**ଗୋପାଳପୁର,୭।୫(ଡି.ଏନ.ଏ.):** ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ରବିବାର ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପିତାତଳି ଗ୍ରାମର ଏସ୍. ବାଲକ୍ରିଷ୍ଣା (୨୮)। ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ଦୀର୍ଘ ଦିନ ହେଲା ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତା ଓ ରାଜନୀତିକୁ କେନ୍ଦ୍ରକରି ବାଦବିବାଦ ଲାଗି ରହିଛି। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ପାଞ୍ଚରୁ ଊର୍ଦ୍ଧ୍ୱଙ୍କ ନାଁରେ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଛି। କିଛି ମାସ ତଳେ ବାଲକ୍ରିଷ୍ଣାଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଜାମିନରେ ଆସିଥିଲେ। ଏହି ମାମଲାରେ ଅପର ଗୋଷ୍ଠୀର ପି.ଜାନକୀ ରାଓ ସାକ୍ଷୀ ଥିବା ବେଳେ ରବିବାର ସକାଳେ ବାଲକ୍ରିଷ୍ଣା ସାକ୍ଷୀ ନ ଦେବା ପାଇଁ କହିବା ସହ ଧମକଚମକ ଦେବା ଓ ଅସଭ୍ୟ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଜାନକୀ ଥାନାରେ ଅଭିଯୋଗ କରିଥିଲେ। ନଂ. ୨୨୮/୨୩ରେ ପୋଲିସ ମାମଲା ରୁଜୁ କରିଛି। ବାଲକ୍ରିଷ୍ଣାଙ୍କୁ ପୋଲିସ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ସନ୍ଦେହଘେରରେ ଯୁବକଙ୍କ ମୃତ୍ୟୁ

**ଦିଗପହଣ୍ଡି,୭।୫(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅନ୍ତର୍ଗତ କୁଶପଡା ଗ୍ରାମରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ପୋଲିସ ଗ୍ରାମ ବଡସାହିର ଏକ ଘରୁ ଜଣେ ଯୁବକ ମୃତଦେହ ଜବତ କରିଛି। ସମ୍ପୃକ୍ତ ଯୁବକର ଗୁପ୍ତାଙ୍ଗରୁ ରକ୍ତସ୍ରାବ ସହ ବେକରେ ରଶି ଲଗା ଚିହ୍ନ ଥିବା ଦେଖିବାକୁ ମିଳିଛି। ଏହା ହତ୍ୟା କିମ୍ବା ଆତ୍ମହତ୍ୟା ପୋଲିସ ସ୍ପଷ୍ଟ କରିନି। ଅପରପକ୍ଷେ ମୃତ ପ୍ରଶାନ୍ତଙ୍କ ସ୍ତ୍ରୀ ଏସ୍.ସପନା ଦୋରା ତାଙ୍କ ସ୍ୱାମୀଙ୍କୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି ଚିକିଟି ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା କହିଛନ୍ତି। କୁଶପଡାରେ ଏପ୍ରିଲ୍ ୩୦ରୁ ଠାକୁରାଣୀ ଯାତ୍ରା ଆରମ୍ଭ ହେଉଛି। ଏହି ଯାତ୍ରା ଦୀର୍ଘ ଏକ ସପ୍ତାହ ଚାଲି ଥିବାରୁ କୁଶପଡା ଗାଁରେ ପ୍ରବଳ ଜନଗହଳ ଲାଗି ରହିଛି । ମୃତ ପ୍ରଶାନ୍ତ ଦୋରା ଦିନ ମଜୁରିଆ ଭାବେ ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ସପନା ଗର୍ଭବତୀ ଥିବାରୁ ସେ ତାଙ୍କ ବାପ ଘର କଂସାମାରୀରେ ଥିଲେ। ଗାଁରେ ଠାକୁରାଣୀ ଯାତ୍ରା ଚାଲିଥିବାରୁ ବାପା ଅନ୍ତର୍ଯ୍ୟାମୀ ପୁଅକୁ ଗାଁକୁ ଡାକିଥିଲେ। ତେଣୁ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେଉଛି।

### ଦୁର୍ଗାପୂଜା ମଣ୍ଡପ ଛାତରୁ ମୃତଦେହ ଜବତ

ହିଞ୍ଜିଳିକାଟୁ, ୭।୫(ଡି.ଏନ୍.ଏ)
ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ବସ୍ ଟର୍ମିନାଲ ନିକଟରେ ଥିବା ବଣିକ ସଂଘ ଅଧୀନ ଦୁର୍ଗାପୂଜା ମଣ୍ଡପ ଛାତ ଉପରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ରବିବାର ରାତିରେ ହିଞ୍ଜିଳି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡିନାହିଁ। ନିକଟରେ ଥିବା ବ୍ୟବସାୟୀମାନେ ଏ ନେଇ ହିଞ୍ଜିଳି ପୁଲିସକୁ ଖବର ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଆ ଭାଷାରେ ନାମଫଳକ ନ ଥିବାରୁ ନୋଟିସ

**ଜୟପୁର, ୭।୫ (ନି.ପ୍ର.)**

ଜୟପୁର ଶ୍ରମ ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାଲିକମାନଙ୍କୁ ପୂର୍ବରୁ ଓଡିଆ ଭାଷାରେ ପ୍ରତିଷ୍ଠାନର ନାମ ଲେଖିବାକୁ କୁହାଯାଇଥିଲା। ଏବେ ପ୍ରଶାସନ ପକ୍ଷରୁ ତଦାରଖ ଆରମ୍ଭ ହୋଇଛି। ଯେଉଁମାନେ ନିଜ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖିନାହାନ୍ତି ସେମାନଙ୍କ ଉପରେ ଚଢାଉ କରାଯାଇଛି। ସହରର ମେନରୋଡ, ବେଲ୍‌ରୋଡ, ବାଇପାସ ରୋଡ, ଏନକେଟି ରୋଡରେ ଥିବା ୩୦ଟି ପ୍ରତିଷ୍ଠାନ ଉପରେ ଚଢାଉ କରାଯାଇ ପ୍ରତିଷ୍ଠାନ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯେଉଁ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ମାଲିକମାନେ ୭ ଦିନ ଭିତରେ ଓଡିଆ ଭାଷାରେ ନାମଫଳକ ନ ଲେଖିବେ ସେମାନଙ୍କ ବିରୋଧରେ ଆଦାଲତରେ ମକଦ୍ଦମା ରୁଜୁ କରାଯିବ ବୋଲି ଶ୍ରମ କମିଶନର ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି। ଏହା ପୂର୍ବରୁ ଗତ ୧୭।୪।୨୩ରେ କୋରାପୁଟ ଅତିରିକ୍ତ ଜିଲାପାଳ କୋରପୁଟ ଜିଲାର ସମସ୍ତ ବ୍ୟବସାୟୀ ସଂଘ, ପୌରପାଳିକା ଓ ଏନଏସି ନିବାହୀ ଅଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ବାଣିଜ୍ୟ ପ୍ରତିଷ୍ଠାନଗୁଡିକ ଓଡ଼ିଆରେ ନାମଫଳକ ଲେଖିବାକୁ ନିଷ୍ପତ୍ତି ହୋଇଥିଲା। ୧୫ ଦିନ ମଧ୍ୟରେ ଏହି ନାମଫଳକ ଲେଖିବାକୁ ପୌର ପରିଷଦ ଗାଡି ଡାକବାଜି ଯନ୍ତ୍ରରେ ପ୍ରଚାର କରି ସମସ୍ତଙ୍କୁ ଅବଗତ କରିଥିଲା। ଚଢାଉରେ ସହକାରୀ ଶ୍ରମ ଅଧୀକାରୀ ଚୈତନ୍ୟ ପ୍ରସାଦ ମାଝୀ, ପଦ୍ମ ଚରଣ ପଣ୍ଡା, ପୂର୍ଣ୍ଣିମା ଦୁରକାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ପ୍ରଶାସନର ଏପରି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଉପର ଜୁମୁରୁଗୁଡ଼ା ବିଦ୍ୟାଳୟର ୩ ଛାତ୍ରଙ୍କ ସଫଳତା

## ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ପଦ୍ମପୁର,୭।୫(ଡି.ଏନ୍.ଏ.)**


ବଳରାମ ବେହେରା


ଅଭୟ ସାହୁ


ମୋହିତ କୁମାର ସାହୁ

ଚଳିତ ଶିକ୍ଷାବର୍ଷର ଓଡିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ପଦ୍ମପୁର ବ୍ଲକର ୧୦ ଛାତ୍ରୀଛାତ୍ର ୬୬%ରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ବଳରାମ ବେହେରା (୫୫/୬୦), ନଟରାଜ ସାହୁ (୪୮/୬୦), ସଞ୍ଜିତା ଦାସ(୪୭/୬୦), ପନ୍ନଡ଼ା ଚରଣ(୪୬/୬୦), ବୁଦ୍ଧାଦିତ୍ୟ ମିଶାଲ, ଦେବାଶ୍ରି ସାହୁ ଓ ଅଭୟ ସାହୁ (୪୩/୬୦), ଶ୍ୱେତା ପାଣିଗ୍ରାହୀ, ପ୍ରଜ୍ଞାଶ୍ରୀ ଦାସ ଏବଂ ମୋହିତ କୁମାର ସାହୁ (୪୧/୬୦)। ଏମାନଙ୍କ ମଧ୍ୟରୁ ୩ ଛାତ୍ର ବଳରାମ, ଅଭୟ ଓ ମୋହିତ ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର। ବଳରାମ ସର୍ବାଧିକ ୫୫/୬୦ ନମ୍ବର ରଖି ଜିଲାରେ ପ୍ରଥମ ହୋଇ ବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ୩ ଛାତ୍ରଙ୍କ କୃତିତ୍ୱ ପାଇଁ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନକୁ ସ୍କୁଲ ପରିଚାଳନା କମିଟି ସଭାପତି ହରିକୃଷ୍ଣ ରାମନାଥ ଶବର, ସଭ୍ୟ ବିଶିକେଶନ ସାହୁ, ସୁଜାତା ସାହୁ, ପ୍ରଶାନ୍ତ ସାହୁଙ୍କ ସହ ସରପଞ୍ଚ ପ୍ରକାଶ କଣ୍ଡାଗିରୀ ଏବଂ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ପ୍ରଶଂସା କରିଛନ୍ତି ।

# ମହାବିଦ୍ୟାଳୟରେ ସବୁଜ ବଳୟ, ଉନ୍ନତ ପାଠପଢ଼ା ଉପରେ ଗୁରୁତ୍ୱ



କୋଟ୍‌ସରେ ଚାଲିଥିବା ଅଧ୍ୟକ୍ଷ କର୍ମଶାଳାରେ ଉପସ୍ଥିତ ଅଧ୍ୟକ୍ଷମାନେ।

**କୋରାପୁଟ,୭।୫(ସ୍ୱ.ପ୍ର.)**

କୋରାପୁଟ ଆଦିବାସୀ ଗବେଷଣା କେନ୍ଦ୍ର (କୋଟ୍‌ସ)ରେ କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁରର ୫୩ଟି କଲେଜର ଅଧ୍ୟକ୍ଷମାନଙ୍କୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗିତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଉଦ୍‌ଘାଟନ କରିଥିଲେ। କଲେଜ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ ତ୍ରିପାଠୀ ସ୍ୱାଗତ ସୂଚନା ଦେଇଥିଲେ। ଆଦିବାସୀ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ପିସି ମହାପାତ୍ର କଲେଜ ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ତ୍ରିନାଥ ରଥ କଲେଜ ଅଧ୍ୟକ୍ଷ ମାନଙ୍କୁ ନିଷ୍ଠାପର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୫୩ଟି କଲେଜ ମଧ୍ୟରୁ ୭ଟି କଲେଜର ନାକ୍ କାଟାଗୋରି ପାଇଁ ସମସ୍ତ ବ୍ୟବସ୍ଥା ଥିବାବେଳେ ଅନ୍ୟ ସମସ୍ତ ମହାବିଦ୍ୟାଳୟ ନାକ୍‌ରେ ଅନ୍ତର୍ଭୁକ୍ତ ହେବା ପାଇଁ ମହାବିଦ୍ୟାଳୟରେ ସବୁଜ ବଳୟ କରିବା, ଉନ୍ନତ ପାଠପଢା ବ୍ୟବସ୍ଥା ଆପଣାଇବା ପାଇଁ କୁଳପତି ଦାସ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ମାନସ ରଞ୍ଜନ ପାତ୍ର ଓ ପ୍ରଫେସର ସୁଧାକର ପାତ୍ର ନାକ୍‌ର ଆବେଦନ ପ୍ରଣାଳୀ ଓ କାର୍ଯ୍ୟ ସମ୍ପର୍କରେ ଅଧ୍ୟକ୍ଷ ମାନଙ୍କୁ ବୁଝାଇଥିଲେ। ପ୍ରଫେସର ସୁକାନ୍ତ ତ୍ରିପାଠୀ ଓ ଡକ୍ଟର ଲକ୍ଷ୍ମୀଧର ରାଉତ ନୂତନ ଶିକ୍ଷା ନୀତି-୨୦୨୦ ଉପରେ ଆଲୋଚନା କରିଥିଲେ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ଦିଗପହଣ୍ଡି, ୭।୫(ଡି.ଏନ୍.ଏ)**

ଦିଗପହଣ୍ଡି ଥାନା ପଦ୍ମନାଭପୁର କୁମୁଟିସାହିରେ ରବିବାର ଅପରାହ୍ନରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ହତ୍ୟାର ଶିକାର ହୋଇଥିବା ନବବଧୂ ଜଣକ ପ୍ରମିଳା ବେହେରା (୨୨) ବୋଲି ଜଣାପଡିଛି। ତାଙ୍କ ଗଳାରେ ଓଢଣି ଲଗାଇ ହତ୍ୟା କରାଯିବା ପରେ ଶ୍ୱଶୁର ଘର ଲୋକେ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ମୃତା ପ୍ରମିଳାଙ୍କ ଭାଇ ସୀମା ପୋଲିସକୁ କହିଛନ୍ତି। ଅପରପକ୍ଷରେ ପ୍ରମିଳା କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସ୍ୱାମୀ ଟୁକୁନା ପୋଲିସକୁ କହିଛନ୍ତି।

# ‘ଶହେ ଜନ୍ମ ପରେ ମଣିଷ ଜନ୍ମ ମିଳେ’


ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସେମିଳିଗୁଡା/ସୁନାବେଡା,୭।୫(ସ୍ୱ. ପ୍ର)**

ମଣିଷ ଜନ୍ମ ପାଇବା ସୌଭାଗ୍ୟର କଥା। ପୁଣ୍ୟ କଲେ ଶହେ ଜନ୍ମ ପରେ ମଣିଷ ଜନ୍ମ ମିଳିଥାଏ ବୋଲି ସମାଜ ସୁଧାରକ ତଥା ପ୍ରବଚକ ସ୍ୱାମୀ ଶ୍ରୀ ସୁଧାନନ୍ଦ ସରସ୍ୱତୀ ସେମିଳିଗୁଡା ଗୁଣ୍ଡିଚା ମଣ୍ଡପଠାରେ ଅନୁଷ୍ଠିତ ଏକ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ମଣିଷ ଜୀବନ ସବୁଠାରୁ ମୂଲ୍ୟବାନ। ଏହାକୁ ଆଧାତ୍ମିକ ମାର୍ଗରେ ନେବା ଆବଶ୍ୟକ। ପୁଣ୍ୟ ଅର୍ଜନ ପାଇଁ ଅନ୍ୟର ସେବା କରିବା ନିତ୍ୟାନ୍ତ ଜରୁରୀ ବୋଲି ସ୍ୱାମୀଜୀ କାହାଣୀ ମାଧ୍ୟମରେ କହିଥିଲେ । ସ୍ଥାନୀୟ ଅଞ୍ଚଳର ସନାତନ ଧର୍ମାବଲମ୍ବି ମାନଙ୍କ ଦ୍ୱାରା ଆୟୋଜିତ ବେଦପାଠ ଓ ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଏକ ଯଜ୍ଞର ମଧ୍ୟ ଆୟୋଜିତ ହୋଇଥିଲା। କୈଳାସ ଜୀ ଯଜ୍ଞ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରୋତା ଯୋଗ ଦେଇଥିଲେ। ଆନନ୍ଦ ପାଟଓ୍ୱାନିଆ, ମନୋଜ କୁମାର ପାତ୍ର, ସନତ ସାହୁ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଅଲେଖ ଦାସ,ଚନ୍ଦନ ସାହୁ,ବିଜୟ ପାତ୍ର, ଡକ୍ଟର ରାଜେନ୍ଦ୍ର କୁମାର ପାତ୍ର,ଦୀପକ ରାଉତ, ଏମ. ଭି. ରମେଶ, ସ୍ୱସ୍ତିକ ମିଶ୍ର, ସାଇ ପ୍ରସାଦ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାମୀଜୀଙ୍କୁ ଉପଢେକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର
## ପାର୍ବତୀ, ଆକାଶଙ୍କୁ ମିଳିଲା ଚିକିତ୍ସା ସୁବିଧା

**ଦଶମନ୍ତପୁର, ୭।୫(ଡି.ଏନ.ଏ.)**

ଅଜଣା ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ଭୋଗୁଥିବା ପାର୍ବତୀ ଜାନି ଓ ଆକାଶ ଜାନିଙ୍କ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଏହି ଦୁଇ ବାପା ଛେଉଣ୍ଡ ଭଉଣୀଭାଇଙ୍କୁ ଆର୍‌ବିଏସ୍‌କେ ପକ୍ଷରୁ ଉଦ୍ଧାର କରାଯାଇ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯିବା ବ୍ୟବସ୍ଥା ହୋଇଛି। ଏହି ୨ ଭଉଣୀଭାଇ ହେଲେ ଚଣାବାଡ ପଞ୍ଚାୟତ ଢେପଗୁଡା ଗ୍ରାମର ପାର୍ବତୀ ଜାନି (୫) ଓ ଆକାଶ ଜାନି (୨) । ଏସମ୍ପର୍କରେ ଗତ ୬ ତାରିଖରେ ଖବର ପ୍ରକାଶ ପାଇଥିଲା। ଅର୍ଥାଭାବରୁ ଏହି ୨ ଭଉଣୀଭାଇ ଅଜଣା ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ପାଉଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ମାଗଣା ଚିକିତ୍ସା ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଶିଶୁଙ୍କ ମାଁ କିୟାବତୀ ସେମାନଙ୍କ ଯତ୍ନ ନେଉଛନ୍ତି।

# ଜଗନ୍ନାଥ ସାଗରର ବିକାଶ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**ଜୟପୁର, ୭।୫ (ନି.ପ୍ର.)**

ଜୟପୁର ଜଗନ୍ନାଥ ସାଗରର ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି । ବାଙ୍ଗାଲୋରରୁ ଏକ ଟିମ୍ ଆସି ସମୀକ୍ଷା କରିବା ପରେ ସାଗରରୁ ପଙ୍କ ଉଦ୍ଧାର କରାଯିବ। ସାଗର ଜାଗାକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ଅନ୍ୟତ୍ର ଜାଗା ଦେଇ ସେମାନଙ୍କୁ ଉଚ୍ଛେଦ କରାଯିବ। ଜଗନ୍ନାଥ ସାଗରରେ ଡ୍ରେନ ପାଣି ପଶୁଥିବାରୁ ଏହାକୁ ବନ୍ଦ କରିବା ଲାଗି ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାର ଦେଇଥିବା ୨ କୋଟି ଟଙ୍କାରେ ପ୍ରଥମେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ। ଏହି ସମୀକ୍ଷା ସମୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ଅଜୟ ଜାନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡାରେ ସିପିଏଲ ନେଇ ପ୍ରସ୍ତୁତି ବୈଠକ




**ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)**

ଚିତ୍ରକୋଣ୍ଡାରେ ଆଇପିଏଲ୍ ଢାଞ୍ଚାରେ ସିପିଏଲ୍ ଖେଳ ନେଇ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଚିତ୍ରକୋଣ୍ଡା ଖେଳ ପଡ଼ିଆରେ ପ୍ରସ୍ତୁତି ଚାଲିଛି। ପ୍ରତ୍ୟେକ ଖେଳାଳିଙ୍କୁ ୫ଟି ଟିମ ଦ୍ୱାରା ଚୟନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସିପିଏଲ୍ ଚିତ୍ରକୋଣ୍ଡା ସ୍ପୋର୍ଟସ୍ କ୍ଲବ ପକ୍ଷରୁ ଆୟୋଜିତ ହେଉଛି। ପ୍ରତ୍ୟେକ କ୍ରିକେଟ ପ୍ରେମୀଙ୍କୁ ଖେଳପ୍ରତି ସେମାନଙ୍କ ଆଗ୍ରହ ବଢାଇବା ଲକ୍ଷ୍ୟରେ ଏହି ସିପିଏଲ ଖେଳ କରାଯାଉଥିବା ଜଣାପଡିଛି। ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରୁ ଯେପରି ଆଗାମୀ ଦିନରେ ରାଜ୍ୟସ୍ତର ଓ ଅନ୍ତଃରାଜ୍ୟ ସ୍ତରର ଖେଳାଳି ସୃଷ୍ଟି ହେବେ ସେନେଇ ଗୁରୁତ୍ୱାରୋପ କରାଯାଉଛି। ସିପିଏଲ୍‌ରେ ୫ଟି ଓନର, ୫ଟି ଟିମ ରହିଛି। ସେମାନେ ସମସ୍ତଙ୍କ ସହ ଖେଳିବେ। ଉକ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଚିତ୍ରକୋଣ୍ଡା ସ୍ପୋର୍ଟସର ସଭାପତି ଦେବେନ୍ଦ୍ର ଦାସ, ରଞ୍ଜୁ ସାମଲ, ରତ୍ନାକର ପ୍ରଧାନ, ଦୁର୍ଯ୍ୟୋଧନ ସେଠୀ, ସରପଞ୍ଚ ହରିମୋହନ ଖିଲ ସାମିଲ ହୋଇଛନ୍ତି। ଆୟୋଜକ ଭାବେ ଶ୍ରୀକାନ୍ତ ବେହେରା, ମାନସ ବେହେରା, ଗୌତମ ଖେତ୍ରି, ଜ୍ୟୋତିରଞ୍ଜନ ମଣ୍ଡଳ ରହିଛନ୍ତି। ସ୍ପୋର୍ଟସ କ୍ଲବ ସମ୍ପାଦକ ରାଜକମଲ ପୁରୋହିତ ପରିଚାଳନା କରିଥିଲେ।

# ପଥରରେ ଛେଚି ମହିଳାଙ୍କୁ ହତ୍ୟା ଘଟଣା, ଜଣେ ଅଟକ

**ଗଞ୍ଜାମ,୭।୫(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ଜହମି ଗ୍ରାମର ଜଣେ ମହିଳାଙ୍କୁ ସୁନା ଅଳଙ୍କାର ଲୋଭରେ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଜହମି ଗ୍ରାମର ଭଗବାନ ନାହାକଙ୍କ ପତ୍ନୀ ପୁନି ନାହାକ (୬୬) ନିକଟସ୍ଥ ରେଳ ଲାଇନ ପାର ହୋଇ ପାହାଡ଼ ପାର୍ଶ୍ୱରେ ରହିଥିବା କାଜୁ ଜଙ୍ଗଲରେ କୌଣସି ଦୁର୍ବୃତ୍ତ ତାଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ତାଙ୍କର ସୁନା ଅଳଙ୍କାର ଲୁଟି ନେଇଥିଲେ। ଖୁବଶୀଘ୍ର ଏହି ଘଟଣାର ପରଦା ଫାସ୍ କରାଯିବ ବୋଲି ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଭୀମ ଆର୍ମି ଭାରତ ଏକତା ମିଶନ ଓ ଅଞ୍ଚଳବାସୀଙ୍କ ବିକ୍ଷୋଭ ।

**ଜି.ଉଦୟଗିରି,୭।୫(ଡି.ଏନ.ଏ.)**

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ବିଶେଷଜ୍ଞ ପଦବୀଗୁଡିକ ଖାଲି ରହିଥିଲେ ମଧ୍ୟ ପୂରଣ କରାଯାଉ ନାହିଁ। ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ସହ ୫ ଦଫା ଦାବି ନେଇ ଶନିବାର ଭୀମ ଆର୍ମି ଭାରତ ଏକତା ମିଶନ ସହ ସାଧାରଣ ଜନତା ରାଜ ରାସ୍ତାକୁ ଓହ୍ଲାଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଭୀମ ଆର୍ମି ଭାରତ ଏକତା ମିଶନ, କନ୍ଧମାଳ ଏବଂ ଅଞ୍ଚଳବାସୀଙ୍କ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ବିଶେଷଜ୍ଞ ପଦବୀଗୁଡିକ ପୂରଣ, ହସ୍ପିଟାଲକୁ ୫-ଟି ଅଧୀନକୁ ନେବା, ଏହି ଅଞ୍ଚଳରେ ରକ୍ତଶିକୁଳି ରୋଗୀ ଅଧିକ ରହୁଥିବା ଯୋଗୁ ଶିକିଲ ସେଲ୍ ୟୁନିଟ୍ ସ୍ଥାପନ କରିବା ସହ ରକ୍ତଭଣ୍ଡାର ଖୋଲିବା, ଦୀର୍ଘଦିନ ହେବ ଅର୍ଦ୍ଧନିର୍ମିତ ହୋଇ ରହିଥିବା ହସ୍ପିଟାଲର ବାସଗୃହଗୁଡିକ ସମ୍ପୂର୍ଣ୍ଣ କରିବା ଏପରି ୫ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ, କନ୍ଧମାଳ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଏମ୍‌ପି ଏବଂ ଜି.ଉଦୟଗିରି ବିଧାୟକଙ୍କୁ ଏକ ଦାବିପତ୍ର ଜି.ଉଦୟଗିରି ତହସିଲଦାର ଏବଂ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭୀମ ଆର୍ମି ଭାରତ ଏକତା ମିଶନ ସଭାପତି ଫିରୋଜ କୁମାର ଦିଗାଲ, ସାଙ୍ଗଠନିକ ସମ୍ପାଦକ ଅରୁଣ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପ୍ରମୋଦ ପ୍ରଧାନ, ଆଲୋକ ନାୟକ ଓ ସସ୍ମିତା ମଲିକଙ୍କ ସମେତ ସାଧାରଣ ଜନତା ସାମିଲ ଥିଲେ।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ୫-ଟି ସଚିବ

**ହିଞ୍ଜିଳିକାଟୁ,୭।୫(ଡି.ଏନ୍.ଏ)**



ମିଶନ ଶକ୍ତି କାଫେରେ ୫-ଟି ସଚିବ ମିଶନ ଶକ୍ତି ଗୋଷ୍ଠୀଙ୍କ ସହ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଦୁଇ ଦିନିଆ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଶନିବାର ରାତିରେ ହିଞ୍ଜିଳିକାଟୁରେ ପହଞ୍ଚି ସେ କାଟୁ ରାଜବାଟୀସ୍ଥିତ ଶ୍ରୀଲକ୍ଷ୍ମୀନୃସିଂହ ମନ୍ଦିର ଠାକୁରଙ୍କୁ ଦର୍ଶନ କରିବା ସହ ଯାତ୍ରା ବୁଲି ଦେଖିଥିଲେ। ରବିବାର ସକାଳେ ନୂଆ ବୁରୁପୋଡାସ୍ଥିତ ମା’ ଶ୍ୟାମଳାଇ ମନ୍ଦିର ଦର୍ଶନ କରି ଏହାକୁ ରାଜ୍ୟସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ସେଠାରୁ ଶେରଗଡ଼ ବ୍ଲକ ଅନ୍ତର୍ଗତ ପିତଳ ଓ ଅନ୍ୟାନ୍ୟ ଅଞ୍ଚଳ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରି ପୂର୍ବାହ୍ନ ସାଢ଼େ ୧୧ଟାରେ ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ସରକାରୀ ସ୍ମାର୍ଟ ହାଇସ୍କୁଲରେ ପହଞ୍ଚିଥିଲେ। ସେଠାରେ ଛାତ୍ରୀଛାତ୍ର, ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ପରେ ସମରଝୋଳଠାରେ ନିର୍ମାଣାଧୀନ ପୋଖରୀ ସୌନ୍ଦର୍ଯ୍ୟକରଣ ବୁଲି ଦେଖିଥିଲେ। ସେଠାରୁ ପୋଚିଲିମା ଜୁନିଅର କଲେଜ ଓ ପୋଚିଲିମା ସରକାରୀ ଆଇଟିଆଇରେ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର ଉନ୍ନତି ନିମନ୍ତେ ଆଲୋଚନା କରିଥିଲେ। ପରେ ହିଞ୍ଜିଳିକାଟୁ ଉପଖଣ୍ଡ ଡ଼ାକ୍ତରଖାନାରେ ପହଞ୍ଚି ପ୍ରାୟ ୪ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ‘ମୋ ହସ୍ପିଟାଲ’ କାର୍ଯ୍ୟ ତଦାରଖ କରିଥିଲେ। ପରେ ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ କଲେଜ ପରିଦର୍ଶନ କରିଥିଲେ। ବସ୍‌ଷ୍ଟାଣ୍ଡ ପରିସରରେ ନିର୍ମିତ ମିଶନ ଶକ୍ତି କାଫେ ସେଣ୍ଟରରେ ପହଞ୍ଚି ମିଶନ ଶକ୍ତି ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରିଥିଲେ ଓ ମଧ୍ୟାହ୍ନ ଭୋଜନ କରିଥିଲେ। ହିଞ୍ଜିଳିକାଟୁ ମାର୍କେଟ କମ୍ପ୍ଲେକ୍ସର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟବସାୟୀ ସଂଘ ଓ ହିଞ୍ଜିଳିକାଟୁ ବିକାଶ ମଞ୍ଚ ପକ୍ଷରୁ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଅପରାହ୍ନରେ ପୌର ପରିଷଦ ଅନ୍ତର୍ଗତ ଆଙ୍କୋରଡା ଆଦର୍ଶ ପୋଖରୀ ସୌନ୍ଦର୍ଯ୍ୟକରଣ ବୁଲି ଦେଖିଥିଲେ। ପରେ ଖରିଡା ପଞ୍ଚାୟତର କରେଇଗୁଣୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ରଜନୀଗନ୍ଧା ଓ ପାନଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ କଳାଗ୍ରାମ ନନ୍ଦିକରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ କଳାକାର ସହାୟତା ଯୋଜନା ସମ୍ପର୍କରେ କଳାକାରଙ୍କ ସହ ଆଲୋଚନା କରିଥିଲେ। ବାଲକୃଷ୍ଣପୁର ଗ୍ରାମର ପାନୀୟ ଜଳ ଓ ଜମିକୁ ଜଳସେଚନ ସୁବିଧା ସମ୍ପର୍କରେ ତଦାରଖ କରିଥିଲେ। ବେଲଗାଁ ଜୁନିଅର କଲେଜରେ ଭିତ୍ତିଭୂମି ସୁଦୃଢ ଓ ବିକାଶ ନେଇ ଆଲୋଚନା ପରେ ଗଣ୍ଡଳା ଗୋପୀନାଥ ମନ୍ଦିର ଦର୍ଶନ କରିଥିଲେ। ସେଠାରୁ ସାହାପୁର ପଞ୍ଚାୟତ ଅଫିସରେ ଜନପ୍ରତିନିଧିଙ୍କ ସହ କଥାବାର୍ତ୍ତା ହୋଇଥିଲେ।

# ସଂକ୍ଷେପରେ

## ଜୟପୁର ରେଳଷ୍ଟେସନ ଅଞ୍ଚଳରେ ଭାଲୁ ଆତଙ୍କ



ଜୟପୁର, ୭।୫ ( ନି.ପ୍ର.): ଜୟପୁରରେ ଭାଲୁ ଆତଙ୍କ ଦେଖାଦେଇଛି। ରେଳଷ୍ଟେସନ ଅଞ୍ଚଳରେ ଗତ ତିନି ଦିନ ହେବ ଏକ ଭାଲୁ ବୁଲୁଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଖବର ପାଇ ଜୟପୁର ବନ ବିଭାଗର ଏକ ଟିମ୍ ଭାଲୁ ଖୋଜାଖୋଜି କରି ପାଇନାହାନ୍ତି। ଭାଲୁ ଉକ୍ତ ଅଞ୍ଚଳରେ ବୁଲୁଥିବା ଖବର ପାଇ ବନ ବିଭାଗର ଏକ ଟିମ୍ ଭାଲୁ ଧରିବାକୁ ନାଇଟ୍ ଅପରେଶନ ଆରମ୍ଭ କରିଥିଲେ। ଏଥିରେ ୩୦ ଜଣ ବନ କର୍ମଚାରୀ ସାମିଲ ହୋଇଥିଲେ। ତେବେ ସନ୍ଧ୍ୟା ସମୟରେ ଉକ୍ତ ଅଞ୍ଚଳରେ ଚଳପ୍ରଚଳ ନ କରିବାକୁ ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଛି।

## ଡୁଡା ଦୁର୍ନୀତିର ତଦନ୍ତ ଦାବି କଲା ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ

ଜୟପୁର, ୭।୫ ( ନି.ପ୍ର.): ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ କୋରାପୁଟ ଜିଲା ଶାଖା ପକ୍ଷରୁ ଡୁଡାରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲା ଶାଖା ସଭାପତି ଅଶୋକ ମିଶ୍ର ଏହି ଦାବି କରିଛନ୍ତି। ଦୁର୍ନୀତି ଅଭିଯୋଗରେ ଡୁଡାର ଆକାଉଣ୍ଟାଣ୍ଟ ପି. ଆଶିଷ କୁମାରଙ୍କୁ ବିଗତ ଦିନରେ ଗିରଫ କରାଯାଇଛି। ସେ ଦୀର୍ଘ ୩ ବର୍ଷ ହେବ ପଦସ୍ଥ ଅଧିକାରୀମାନଙ୍କ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ହେରଫେର କରୁଥିଲେ। ବିଭାଗରେ ସମୟ ଅନୁଯାୟୀ ଅଡିଟ ହୋଉ ନ ଥିବାରୁ ଏପରି ଘଟଣା ଘଟୁଛି ବୋଲି ମିଶ୍ର ଅଭିଯୋଗ କରି ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ସେ ଏହି ମର୍ମରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଏକ ପତ୍ର ଲେଖିଛନ୍ତି।

### କୋଲାବରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ନନ୍ଦପୁର, ୭।୫ (ଡି.ଏନ.ଏ.): କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ବଡକେରେଙ୍ଗା ପଞ୍ଚାୟତ ଗଞ୍ଜେଇପଦର ଗ୍ରାମ ନିକଟସ୍ଥ କୋଲାବ ଜଳଭଣ୍ଡାର ପାର୍ଶ୍ୱରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ହୋଇଥିଲା। ରବିବାର ସମ୍ପୃକ୍ତା ଯୁବତୀଙ୍କ ପରିଚୟ ମିଳିଛି। ଯୁବତୀ (୧୯) ଜଣକ ବୋରିଗୁମା ବ୍ଲକ ଚାରଗାଁ ଗ୍ରାମର ବୋଲି ଜଣାପଡିଛି। ଏନେଇ ସୂଚନା ପାଇ ଯୁବତୀଙ୍କ ପରିବାର ଲୋକେ ଜଳଭଣ୍ଡାର ନିକଟରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ପରେ ଯୁବତୀଙ୍କ ବାପା ମୋ ଝିଅକୁ କେହି ମାରି ଜଳଭଣ୍ଡରରେ ଫିଙ୍ଗି ଦେଇଛି ବୋଲି ନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଝିଅ ଗୁରୁବାର ତା'ଦାଦାଙ୍କ ମୋବାଇଲ ଧରି ମେଡିକାଲ ଯିବ ବୋଲି କହି ଘରୁ ବାହାରିଥିଲା। ଶନିବାର ସନ୍ଧ୍ୟାରେ ଝିଅର ମୃତଦେହ ଜବତ ହୋଇଥିବା ଜାଣିବାକୁ ପାଇଲୁ ବୋଲି ତାଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ନନ୍ଦପୁର ପୋଲିସ ହତ୍ୟା ଓ ପ୍ରମାଣ ନଷ୍ଟ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ନନ୍ଦପୁର ଥାନା ଅଧିକାରୀ ପ୍ରଫୁଲ୍ଲ ଲାକ୍ରା ତଦନ୍ତ ଦାୟିତ୍ୱ ନେଇଛନ୍ତି। ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଝିଅ ଧରିଥିବା ମୋବାଇଲ ଘଟଣା ସ୍ଥଳରୁ ପୋଲିସକୁ ମିଳି ନ ଥିବା ବେଳେ ମୋବାଇଲ ନମ୍ବରକୁ ନେଇ ତଦନ୍ତ କରାଯାଉଛି। ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପରିବାର ଲୋକଙ୍କ ତଥ୍ୟ ଅନୁସାରେ ଅଢେଇ ବର୍ଷ ତଳେ ସମ୍ପୃକ୍ତା ଯୁବତୀଙ୍କ ସହ ତାଙ୍କ ଗ୍ରାମର ଜଣେ ଯୁବକ ଶାରୀରିକ ସମ୍ପର୍କ ରଖି ତାଙ୍କୁ ଅନ୍ତଃସତ୍ତ୍ୱା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇ ପୋକ୍ସୋ ଅଦାଲତରୁ ଯୁବକ ଜଣକ ଜାମିନରେ ଆସିଥିଲେ ବୋଲି ଏସଡିପିଓ ମହାପାତ୍ର କହିଛନ୍ତି।

# ଆଦିବାସୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କଲେ ମନ୍ତ୍ରୀ

କୋରାପୁଟ,୭।୫(ସ୍ୱ.ପ୍ର.)

ରାଜ୍ୟ ଆଦିବାସୀ ତଥା ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କୋରାପୁଟ ଗସ୍ତରେ ଆସି କୋରାପୁଟ ନିଶାଣୀମୁଣ୍ଡାଠାରେ ନବନିର୍ମିତ ଆଦିବାସୀ ସାଂସ୍କୃତିକ ଭବନକୁ ରବିବାର ଉଦ୍‌ଘାଟନ କରିଛନ୍ତି। ନିଶାଣୀମୁଣ୍ଡା ପୀଠର ଉନ୍ନତିକରଣ କାର୍ଯ୍ୟ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ସାରକା କୋରାପୁଟ ନିଶାଣୀମୁଣ୍ଡାଠାରେ ପହଞ୍ଚିବା ପରେ ତାଙ୍କୁ ଆଦିବାସୀ ବାଜା ଓ ନୃତ୍ୟରେ ସ୍ୱାଗତ କରାଯାଇଥିଲା । ପ୍ରଥମେ ମନ୍ତ୍ରୀ ମାଁ ନିଶାଣୀମୁଣ୍ଡାଙ୍କ ପୂଜାର୍ଚ୍ଚନା କରି ପରେ କୋରାପୁଟ ପିଏ ଆଇଟିଡିଏ ଦ୍ୱାରା ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରିଥିଲେ।



ମନ୍ତ୍ରୀ ଜଗନ୍ନାଥ ସାରକା ଆଦିବାସୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରୁଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଲେ, ରାଜ୍ୟ ସରକାର ଆଦିବାସୀମାନଙ୍କ ଉନ୍ନତି ଏବଂ ସେମାନଙ୍କ ସଂସ୍କୃତିର ସଂରକ୍ଷଣ ନେଇ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଉକ୍ତ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ।

ଏହି ଅବସରରେ କୋରାପୁଟ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ବିଜେଡି ଉପସଭାପତି ଉତ୍କଳ ରଞ୍ଜନ ନାୟକ, ନଗର ବିଜେଡି ସଭାପତି ସୁରେଶ ପଟ୍ଟନାୟକ, ବିଜେଡି ଜିଲା ସଭାନେତ୍ରୀ ପାର୍ବତୀ ମହ୍ତି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ପିଏ ଆଇଟିଡିଏ କାରୁ ସୋରେନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, ବିଜେଡି ଯୁବ ନେତା ଟି.କିରଣ କୁମାର, ତ୍ରିନାଥ ପାତିକାଙ୍କ ସହ ପୌର ଉପାଧ୍ୟକ୍ଷା ଓ କାଉନସିଲରମାନେ ଉପସ୍ଥିତ ଥିଲେ।

# ୪ ମାଓବାଦୀ ଗିରଫ

### ଅରଣପୁର ଆଇଇଡି ବିସ୍ଫୋରଣ ଘଟଣା



ମାଲକାନଗିରି, ୭।୫(ଡି.ଏନ.ଏ.)

### ଗିରଫ ସଂଖ୍ୟା ୭ରେ ପହଞ୍ଚିଲା

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଅରଣପୁରରେ ଏପ୍ରିଲ୍ ୨୬ରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ୧୧ ଜଣ ଯବାନ ଶହୀଦ ହୋଇଥିଲେ। ଏହି ଘଟଣାରେ ଆଉ ୪ଜଣ ମାଓବାଦୀଙ୍କୁ ଦାନ୍ତେୱାଡା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ୩ଜଣ ଗିରଫ ହୋଇଥିଲେ। ରବିବାର ୩ ଗିରଫ ପରେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଗିରଫ ୪ ମାଓବାଦୀ ହେଲେ ବୁଦ୍ଧ୍ରା ମାଡଭି, ଜିତେନ୍ଦ୍ର ମୁଚାକି, ହିଡମା ମାଡକମ୍, ହିଡମା ମାଡଭି। ଏମାନେ ସିପିଆଇର ଦର୍ଭା ଡିଭିଜନର ମାଲାଙ୍ଗିର ଏରିଆ କମିଟିରେ ମିଲିସିଆ ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ଜଣାପଡିଛି। ଏନେଇ ଦାନ୍ତେୱାଡା ଏସ୍‌ପି ସିଦ୍ଧାର୍ଥ ତିୱାରୀ କହିଛନ୍ତି, ଆଇଇଡି ବୋମା ବିସ୍ଫୋରଣ ପରେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଥିଲା। ଫଳରେ ସର୍ଚ୍ଚ ଅପରେଶନ ବେଳେ ଏହି ମାଓବାଦୀମାନେ ଧରାପଡିଛନ୍ତି। ସର୍ଚ୍ଚ ଅପରେଶନ ଜାରି ରହିଥିବାରୁ ଏହି ଘଟଣାରେ ଗିରଫ ସଂଖ୍ୟା ଆହୁରି ବଢିପାରେ ବୋଲି ଏସ୍‌ପି ତିୱାରୀ କହିଛନ୍ତି।

# ଗଣମାଧ୍ୟମକୁ ଦୂରେଇ ରଖିଲା ବ୍ଲକ ପ୍ରଶାସନ

ପଟ୍ଟାଙ୍ଗି,୭।୫(ଡି.ଏନ.ଏ.)

### ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ପଟ୍ଟାଙ୍ଗି ଗସ୍ତ

ରାଜ୍ୟ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଆନ୍ଧ୍ର ସୀମାନ୍ତ ବ୍ଲକକୁ ଗସ୍ତ କରି ରବିବାର ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେବେ ଖବର ସଂଗ୍ରହ ଲାଗି ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବାରୁ ବ୍ଲକ ପ୍ରଶାସନ ସେମାନଙ୍କୁ ମନ୍ତ୍ରୀଙ୍କଠାରୁ ଦୂରେଇ ରଖିଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ଜଣାପଡିଛି, ମନ୍ତ୍ରୀ ସାରକା ବ୍ଲକ ସଦର ମହକୁମାରେ ପହଞ୍ଚିବା ପରେ ଗ୍ରାମଦେବୀ ମାଁ ଗାଙ୍ଗମାଁଙ୍କୁ ଦର୍ଶନ କରି ଅସ୍ଥାୟୀ ମଣ୍ଡପରେ ମାଁଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କ ସମେତ ଅନ୍ୟମାନେ ମନ୍ତ୍ରୀ ସାରକାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ଅସ୍ଥାୟୀ ପୂଜା ମଣ୍ଡପ ନିକଟରେ ହୋଇଥିବା ସଭାମଞ୍ଚକୁ ପାଛୋଟି ନେଇଥିଲେ। ମାଁଙ୍କ ମନ୍ଦିର ଏବଂ ଅଞ୍ଚଳର ଉନ୍ନତି ସମ୍ପର୍କରେ ମନ୍ତ୍ରୀ ସାରକାଙ୍କ ସହ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ସାରକା ମିନି ଷ୍ଟାଡିୟମ ସମ୍ମୁଖରେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଥିବା ମିଶନ ଶକ୍ତି କ୍ୟାଣ୍ଟିନ ଉଦ୍‌ଘାଟନ କରି ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। କିପରି ସେମାନେ କ୍ୟାଣ୍ଟିନ ଚଳାଇ ରୋଜଗାରକ୍ଷମ ହୋଇପାରିବେ ସେନେଇ ମନ୍ତ୍ରୀ ସେମାନଙ୍କୁ ବୁଝାଇଥିଲେ।

ଅନ୍ୟପକ୍ଷରେ ବ୍ଲକକୁ ମନ୍ତ୍ରୀଙ୍କ ଗସ୍ତ ସମୟରେ ଖବର ସଂଗ୍ରହ ଲାଗି ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମନ୍ତ୍ରୀଙ୍କଠାରୁ ଦୂରେଇ ରଖିବା ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସେମାନେ ଏନେଇ ମନ୍ତ୍ରୀ ସାରକାଙ୍କୁ ଅବଗତ କରାଇବାରୁ ବ୍ଲକ ପ୍ରଶାସନ ଖବରଦାତାମାନଙ୍କୁ ଜଣାଇବା ଉଚିତ୍ ଥିଲା ବୋଲି କହିଥିଲେ। ମନ୍ତ୍ରୀ ସାରକାଙ୍କ ଏହି ଗସ୍ତ ସମୟରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଆଲମେ ଫୁଲ, ଚନ୍ଦକା ସରପଞ୍ଚ ଦେବକୀ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲାରେ ହେଲା ନିଟ୍ ପରୀକ୍ଷା

ମାଲକାନଗିରି, ୭।୫(ଡି.ଏନ.ଏ.)

ଡାକ୍ତରୀ ପଢ଼ିବାକୁ ଚାହୁଁଥିବା ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ପାଇଁ ନିମ୍ନ ପ୍ରବେଶିକା ପରୀକ୍ଷା (ନିଟ୍) ରବିବାର ମାଲକାନଗିରି ଜିଲାରେ ଅନୁଷ୍ଠିତ ହୋଇଛି। ଜିଲାର ୩୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ଜିଲାରେ ଏହି ପରୀକ୍ଷା ପାଇଁ ୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଜିଲାର କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ ଏବଂ ଆଦର୍ଶ ବିଦ୍ୟାଳୟ ନିଟ୍ ପରୀକ୍ଷା କେନ୍ଦ୍ର ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟରେ ୧୪୩ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ। ମଡେଲ ଡିଗ୍ରୀ କଲେଜରେ ୧୧୪ ଜଣ ଉପସ୍ଥିତ ଥିବା ବେଳେ ୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୧୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଇକ୍‌ତାର ଅହମ୍ମଦ ପରୀକ୍ଷା କେନ୍ଦ୍ରଗୁଡ଼ିକ ପାଇଁ ସିଟି ସଂଯୋଜକ ରୂପେ ନିୟୋଜିତ ହୋଇଥିଲେ। ସେ ପରୀକ୍ଷା ପୂର୍ବରୁ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ସକାଳ ୧୧ଟାରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ଦେଇଥିଲେ। ପରୀକ୍ଷା ଅପରାହ୍ଣ ୫.୨୦ ପର୍ଯ୍ୟନ୍ତ ଚାଲିଥିଲା ବୋଲି କେନ୍ଦ୍ର ସଂଯୋଜକ ଅହମ୍ମଦ କହିଛନ୍ତି।

# ଖଣ୍ଡାୟତ, କ୍ଷତ୍ରିୟ, ପାଇକ ସମାଜର ବନ୍ଧୁମିଳନ




ବନ୍ଧୁମିଳନ କାର୍ଯକ୍ରମରେ ମଞ୍ଚାସୀନ ଅତିଥିମାନେ।

କୁନ୍ଦୁରା,୭।୫(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ରବିବାର ଖଣ୍ଡାୟତ, କ୍ଷତ୍ରିୟ ଓ ପାଇକ ସମାଜର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲାର ୧୪ ବ୍ଲକରୁ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକାଠି ହୋଇଥିଲେ । କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାଜର ସଭାପତି ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ନାରାୟଣ ମଲ୍ଲିକ,ଉପଦେଷ୍ଟା ହରିହର ମଲ୍ଲିକ, ଭଗବାନ ମଲ୍ଲିକ, ନାରାୟଣପାଟଣା ବ୍ଲକର ସମାଜ ସଭାପତି ଦୟାନିଧି ପ୍ରଧାନ, ପ୍ରେମାନନ୍ଦ ନାୟକ, କିଶୋର ବେହେରା, ମକରଧ୍ୱଜ ମଲ୍ଲିକ, ଅରୁଣ କୁମାର ଜେନା, ଦୈତାରୀ ମଲ୍ଲିକ ଓ କାର୍ତ୍ତିକ ରାଉତ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ କୁନି ପିଲାଙ୍କ ଦ୍ୱାରା ମଙ୍ଗଳିକ ନୃତ୍ୟ ପରିବେଷଣ କରାଯାଇଥିଲା । ଖଣ୍ଡାୟତ, କ୍ଷତ୍ରିୟ ଓ ପାଇକ ସମାଜର ବିଶିଷ୍ଟ ବ୍ୟକ୍ତିତ୍ୱ ସ୍ୱର୍ଗତ ତ୍ରିପତି ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ସମାଜରେ ରହିଥିବା ମୌଳିକ ସମସ୍ୟା ଓ ତାହାର ସମାଧାନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ କୁନ୍ଦ୍ରା ବ୍ଲକ ଅଞ୍ଚଳରେ ରହୁଥିବା ଅତ୍ୟନ୍ତ ଗରିବ ଶ୍ରେଣୀର ପରିବାର ପାଇଁ ସମାଜର କର୍ତ୍ତବ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମାଜ ସଭାଗୃହ ନିର୍ମାଣ ପାଇଁ ବିଧାୟିକାଙ୍କୁ ଅନୁରୋଧ କରାଯାଇଥିବା ବେଳେ ଅତିଶୀଘ୍ର ତାହା ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟିକାଙ୍କ ଦ୍ୱାରା ପାଇକ ସମାଜ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତି ବିଶେଷ ୧୮ ଜଣଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଜିଲା, ରାଜ୍ୟକୁ ଗୌରବ ଆଣିବା ଉପରେ ଗୁରୁତ୍ୱ



ଟୁର୍ନାମେଣ୍ଟରେ ସାମିଲ ହୋଇଥିବା ଖେଳାଳିମାନେ।

ମାଥିଲି, ୭।୫(ଡି.ଏନ.ଏ. )

### ଚାଉଳମେନ୍ଦିରେ କ୍ରିକେଟ୍ ଟୁର୍ନାମେଣ୍ଟ

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଚାଉଳମେନ୍ଦି ପଞ୍ଚାୟତରେ ରବିବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା ମୁଖ୍ୟଅତିଥି ରୂପେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟର ମୁଖ୍ୟ ପରିଚାଳକ ସନୁ ଗୌଡ଼, ବ୍ଲକ ଅଧ୍ୟକ୍ଷ ମହେଶ ବାକା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ଷାନି, ଜିଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ବିଦ୍ୟା ପୂଜାରୀ, ଚାଉଳମେନ୍ଦି ସମିତିସଭ୍ୟା ସାଗରିକା ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଖଇରପୁଟ ଏବଂ ମାଲକାନଗିରି କଲେଜ ଦୁଇଟି ଟିମ୍ ଯୋଗ ଦେଇଥିଲେ। ଏପରି ଟୁର୍ନାମେଣ୍ଟ ଉପାନ୍ତ ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିପାରିବ ବୋଲି ବିଧାୟକ କହିଥିଲେ। ଏଠାରୁ ଖେଳାଳିମାନେ କିପରି ଜିଲା ଓ ରାଜ୍ୟସ୍ତରରେ ଖେଳି ମାଲକାନଗିରି ଜିଲା ପାଇଁ ସୁନାମ ଆଣିବେ ସେନେଇ ବିଧାୟକ ଗୁରୁତ୍ୱାରୋପ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କେନ୍ଦୁପତ୍ର ବୋଝେଇ ଟ୍ରକରେ ନିଆଁ

ମାଲକାନଗିରି, ୭।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଆସିବା ପ୍ରାୟ ୩୦ ବର୍ଷରୁ ଅଧିକ ସମୟ ହୋଇଯାଇଛି। ବର୍ଷ ବର୍ଷ ଧରି ବିଦ୍ୟତ୍ ସେବା ଯୋଗଉଥିବା ତାରଗୁଡିକ ପୁରୁଣା ହୋଇଯାଇ ତଳକୁ ଝୁଲି ରହିଛି। ବାରମ୍ବାର ଅଭିଯୋଗ କଲେ ମଧ ଏଗୁଡିକର ମରାମତି କରାଯାଉନି କି ତା'ରଗୁଡିକ ବଦଳାଯାଉନି। ଫଳରେ ପଦ୍ମଗିରି ଗ୍ରାମରେ ଅଧିକାଂଶ ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ତଳକୁ ଝୁଲି ରହିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବିଭିନ୍ନ ସମୟରେ ଅଘଟଣମାନ ଘଟୁଛି। ରବିବାର ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ କେନ୍ଦୁପତ୍ର ବୋଝେଇ ଗାଡି ଜଳିଯାଇଛି। ଶର୍ଟସର୍କିଟ ହୋଇ ଏହି ଅଗ୍ନିକାଣ୍ଡ ହୋଇଥିଲା। ତେବେ ଏହି ସମୟରେ ଗାଡି ଚାଳକ ଓ ଗାଡିକୁ ରକ୍ଷା କରିବା ପାଇଁ ବିଦ୍ୟୁତ୍ ନିଆଁକୁ ଖାତିର ନ କରି ସ୍ଥାନୀୟ ବଜରଙ୍ଗ ପରିବାର ସଦସ୍ୟ ଅମୃତ ମାଝୀ ଓ କେତେକ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିଥିଲେ। ଫଳରେ ଗାଡି ଚାଳକ, ଗାଡି ଏବଂ ଆଖପାଖର ଦୋକାନଗୁଡିକ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଥିଲେ। ତୁରନ୍ତ ବିଭାଗ ପୁରୁଣା ତା'ରଗୁଡିକୁ ବଦଳାଇବା ଲାଗି ସାଧାରଣରେ ଦାବି ହେଉଛି।



ଜଳିଯାଉଥିବା କେନ୍ଦୁପତ୍ର ବୋଝେଇ ଗାଡି।

# ଭାଜପାର ବୁଥସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

ଦଶମନ୍ତପୁର,୭।୫(ଡି.ଏନ.ଏ.)

ଦଶମନ୍ତପୁର ବ୍ଲକସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଭାଜପା ପକ୍ଷରୁ ବୁଥସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଶମନ୍ତପୁର ମଣ୍ଡଳ ସଂପାଦକ କୃପା ରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ରାଜ୍ୟ ଓବିସି ମୋର୍ଚ୍ଚା ଉପ ସଭାପତି ବଳିରାମ ସୁବୁଦ୍ଧି, ଜିଲା ସାଧାରଣ ସମ୍ପାଦକ ତଥା ଜୋନ ୧ର ପ୍ରଭାରୀ ରବିଚନ୍ଦ୍ର ପାଢ଼ି, ପୋଡ଼ାଗଡ଼ ମଣ୍ଡଳ ସଭାପତି ସୀତାରାମ ରାୟ, ଜିଲା ଏସ୍‌ଟି ମୋର୍ଚ୍ଚା ଉପସଭାପତି ଭୁବନ ଜାନି, ସାଧାରଣ ସମ୍ପାଦକ ଟୁଙ୍କୁ ଜେନା, ଏସ୍‌ସି ମୋର୍ଚ୍ଚା ସଭାପତି ଦିଲୀପ ବାଘ, ଯୁବ ସଭାପତି ବାବୁଲି ନାୟକ, ନର ଜାନିଙ୍କ ସମେତ ଦଶମନ୍ତପୁର ମଣ୍ଡଳ ଅନ୍ତର୍ଗତ ୮ ପଞ୍ଚାୟତର ସମସ୍ତ ସଭାପତି ଏବଂ ବୁଥ ସଭାପତି ଯୋଗ ଦେଇ ଦଳକୁ କିପରି ସୁଦୃଢ଼ କରାଯିବ ଆଲୋଚନା କରିଥିଲେ। ବୁଥ କମିଟିକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଭାଜପା ପକ୍ଷରୁ ଏକ ବଡ଼ ବୈଠକ କରି ଦୁର୍ନୀତିକୁ ହଟାଇବା ପାଇଁ ବ୍ଲକ ଘେରାଉ କରାଯିବ ବୋଲି ଦଶମନ୍ତପୁର ମଣ୍ଡଳ ସଂପାଦକ ରାୟ ଆହ୍ୱାନ ଦେଇଛନ୍ତି।

# କୋର୍ଟରେ ହାଜର ନ ହେଲେ ସମ୍ପତ୍ତି ବାଜ୍ୟାପ୍ତି

ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)

### ଗଞ୍ଜେଇ ବ୍ୟସାୟୀଙ୍କ ପ୍ରତି ପ୍ରଶାସନର କଡା ପଦକ୍ଷେପ

ମାଲକାନଗିରି ଜିଲା ଓ ଦୌରା ତଥା ସ୍ୱତନ୍ତ୍ର ବିଚାରପତିଙ୍କ ନିର୍ଦ୍ଦେଶରେ ଶନିବାର ଚିତ୍ରକୋଣ୍ଡା ଅଞ୍ଚଳର ୨ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ପଳାତକ ଘୋଷଣା କରାଯାଇ ସେମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ଉଭୟେ ବାରମ୍ବାର କୋର୍ଟଙ୍କ ନୋଟିସକୁ ଅବମାନନା କରି ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେଉ ନ ଥିବାରୁ ସମ୍ପୃକ୍ତ ୨ ବ୍ୟକ୍ତିଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ରବିବାର ଚିତ୍ରକୋଣ୍ଡା ଏସ୍‌ଡିପିଓ ଆରସେଲ କିସପୋଟାଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକା ଏକ ସ୍ୱତନ୍ତ୍ର ଟିମ୍ ଧରି ଅଭିଯୁକ୍ତ ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ଆରଙ୍ଗୀ ଗ୍ରାମର ରାମଜାନ ଖାନ ଏବଂ ଗିରିଲିଗୁଡ଼ା ଗ୍ରାମର ବୁଦୁ ଖିଲଙ୍କ ଘରକୁ ଯାଇ ତଲାସୀ କରିଥିଲେ। ପରିବାର ଲୋକଙ୍କୁ ପଚାରି ବୁଝିଥିଲେ। ତେବେ ଏହି ସମୟରେ ରାମଜାନ ଓ ବୁଦୁ ଘରେ ନ ଥିବାରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ସେମାନଙ୍କ ଘର କାନ୍ଥରେ ପଳାତକ ନୋଟିସ ମାରିଥିଲେ। ଡାକବାଜି ଯନ୍ତ୍ରରେ ପ୍ରଚାର କରି ଉଭୟଙ୍କୁ ପଳାତକ ଘୋଷଣା କରି ଗିରଫ ପରୱାନ ଜାରି କରିଥିଲେ। ରବିବାରଠାରୁ ଧାର୍ଯ୍ୟ ତାରିଖ ମଧ୍ୟରେ ଉଭୟେ କୋର୍ଟରେ ହାଜର ନ ହେଲେ ସେମାନଙ୍କର ଥିବା ସମସ୍ତ ସମ୍ପତିକୁ ଆଇନ ଅନୁଯାୟୀ ବ୍ୟାଜାପ୍ତ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ରାମଜାନଙ୍କ ନାମରେ ଏନ୍‌ଡିପିଏସ୍ କେସ ନମ୍ବର ୫୨/୨୦୨୧ ଏବଂ ବୁଦୁଙ୍କ ନାମରେ ୧୬ ଏ /୨୦୧୬ ଅନୁଯାୟୀ ମାମଲା ରହିଛି। ଉଭୟେ ଫେରାର ରହି କୋର୍ଟଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରି ଆସୁଥିଲେ। ଫଳରେ ଶେଷରେ ବିଚାରପତି ସେମାନଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି। କେବଳ ଏହି ୨ ଅଭିଯୁକ୍ତ ନୁହନ୍ତି ଆଗାମୀ ଦିନରେ ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ଏନଡିପିଏସ୍ ତଥା ଅନ୍ୟାନ୍ୟ ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଅଭିଯୁକ୍ତମାନଙ୍କୁ ପଳାତକ ଘୋଷଣା କରାଯାଇ ସେମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବ ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା କହିଛନ୍ତି।



ଜଣେ ଗଞ୍ଜେଇ ବ୍ୟବସାୟୀଙ୍କ ଘର କାନ୍ଥରେ ପୋଲିସ ମାରିଥିବା ନୋଟିସ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

**ଜୟପୁର,୭।୫(ନି.ପ୍ର.):** କୌଣସି ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଦିଗାପୁର ନୂଆଗୁଡାର ରତନ ନାୟକ (୫୦)। ରତନ ବାଇକରେ ବୋରିଗୁମ୍ମା ନୂଆଗାଁ ଯାଇ ଫେରୁଥିଲେ । ରଣ୍ଡାପାଲି ଠାରେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଜୟପୁର ସଦର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜୟପୁର ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

### ମଦ ଜବତ, ପୋଚ ନଷ୍ଟ

**ଜୟପୁର ୭।୫(ନି.ପ୍ର.):** ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି । ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଏହି ଚଢ଼ାଉ କରିଥିଲା। ତେବେ ଚଢ଼ାଉ ଖବରପାଇ ମଦ ବ୍ୟବସାୟୀମାନେ ଚମ୍ପଟ ମାରିଥିବା ଜଣାଯାଇଛି । ଅବକାରୀ କର୍ମଚାରୀମାନେ ବହୁ ମଦ ଭାଟି ଭାଙ୍ଗିବା ସହ ୧୫ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

### ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

#### କମାଣ୍ଡର ଜିପ, ୨ ବାଇକ ଜବତ



ନନ୍ଦପୁର, ୭।୫ (ଡି.ଏନ.ଏ.): କୋରାପୁଟ ଏସ୍‌ପିଙ୍କ ସୂଚନାକୁ ଭିତ୍ତିକରି ନନ୍ଦପୁର ଉପଖଣ୍ଡ ପାଡୁଆ ପୋଲିସ ଶନିବାର ରାତିରେ ପାଟ୍ରୋଲିଂ ବେଳେ ବାଲଡ଼ା ନିକଟରୁ ୨କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହାର ମୋଟ ପରିମାଣ ୨୨୬ କିଲୋ ବୋଲି ଜଣାପଡିଛି। ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ କମାଣ୍ଡର ଜିପ୍ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସକୁ ଦେଖି ଗଞ୍ଜେଇ ଚାଲାଣକାରୀମାନେ ବାଲଡ଼ା ଗ୍ରାମ ନିକଟରେ ୨ ବାଇକ୍ ଓ ଗଞ୍ଜେଇ ବୋଝେଇ କମାଣ୍ଡର ଜିପ ଛାଡ଼ି ପଳାଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ରହିଛି। ପାଡୁଆ ଥାନାରେ ଏନେଇ କେସ୍ ନଂ ୬୬/୨୩ରେ ଏକ ମାମଲା ରୁଜୁ ହୋଇଛି। ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଏହାର ତଦନ୍ତ କରୁଥିବା ମହାପାତ୍ର କହିଛନ୍ତି।

### ମା’ ଗାଳି ଦେବାରୁ ଘର ଛାଡି ପଳାଇଲେ ପୁଅ

ଆର.ଉଦୟଗିରି, ୭।୫(ଡି.ଏନ.ଏ.): ଗଜପତି ଜିଲା ମୋହନା ଥାନା ଯୁବ ପଞ୍ଚାୟତର ବନାଗୁଡ଼ା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ବେହେରା ନିଖୋଜ ଥିବା ଅଭିଯୋଗ ହୋଇଛି। ଖରା ଛୁଟି ଥିବାରୁ ଆୟୁଷ୍ମାନ ସ୍କୁଲ ଯାଉ ନଥିଲେ। ପାଠ ନ ପଢ଼ି ବାହାରେ ସାଙ୍ଗସାଥୀଙ୍କ ସହ ଚାରିଆଡେ ବୁଲାବୁଲି କରୁଥିଲେ। ଏଥିପାଇଁ ମା’ ଆୟୁଷ୍ମାନ ଉପରେ ବିରକ୍ତ ହୋଇଥିଲେ ଓ ପାଠ ପଢ଼ିବା ପାଇଁ ତାଗିଦ କରିଥିଲେ। ମା’ଙ୍କ ଗାଳି ସହିନପାରି ଗତ ୨୯ ତାରିଖ ରାତିରୁ ଆୟୁଷ୍ମାନ ଘର ଛାଡ଼ି କୁଆଡେ ପଳାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ୨ଜଣଙ୍କୁ ଉଠାଇନେଲା ପୋଲିସ, ପ୍ରତିବାଦରେ ବଜାର ବନ୍ଦ

## ସମଲେଶ୍ୱରୀ ଟ୍ରେନ ରହଣି ଦାବି ତେଜୁଛି

ଟିକିରି,୭।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ରେଲୱେ ଷ୍ଟେଶନରେ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ୍ ରହଣୀ ଦାବି ନେଇ ଆନ୍ଦୋଳନ ତେଜୁଛି। ରବିବାରଠାରୁ ଟିକିରି ରେଲୱେ ଷ୍ଟେଶନରେ ଅଞ୍ଚଳବାସୀ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହା ପୂର୍ବରୁ ଗୁରୁବାର ରାତିରେ ସ୍ଥାନୀୟ ପୋଲିସ ଦୁଇ ଜଣଙ୍କୁ ଉଠାଇ ନେଇଛି। ଏହାକୁ ଟିକିରିବାସୀ ନିନ୍ଦା କରିବା ସହିତ ଦୋକାନ ବଜାର ବନ୍ଦ କରାଯାଇଛି। ଟିକିରିରେ ଗୋଟିଏ ଖଣି କାରଖାନା ଥିବା ବେଳେ ଏଠାରେ ଥିବା ଷ୍ଟେଶନ ଉପରେ ଶହ ଶହ ଲୋକ ନିର୍ଭର କରିଥାନ୍ତି। ତେଣୁ ଟିକିରି ଷ୍ଟେଶନରେ



ଟିକିରି ରେଲ୍‌ୱେ ଷ୍ଟେଶନ ନିକଟରେ ସ୍ଥାନୀୟ ଜନସାଧାରଣ ଓ ପୋଲିସ ।

ସମଲେଶ୍ୱରୀ ଟ୍ରେନ ରହଣୀ ପାଇଁ ପୂର୍ବରୁ ବହୁବାର ରେଳବାଇ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଦାବି ପୂରଣ ପାଇଁ ଥରକୁ ଥର ପ୍ରତିଶ୍ରୁତି ମିଳିଥିଲେ ବି ଟ୍ରେନ ରହଣି ହୋଇ ନ ଥିବାରୁ ଅଞ୍ଚଳବାସୀ ଷ୍ଟେଶନରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଗୁରୁବାର ରାତିରେ ପୋଲିସ ଦୁଇଜଣ ବ୍ୟକ୍ତି ଗୌରାଙ୍ଗ ସାହୁ, ଏବଂ ବିନୋଦ ନାଏକଙ୍କୁ ଉଠାଇ ନେଇ ଅପରାହ୍ନରେ ଛାଡିଦେଇଛି। ସୂଚନାଯୋଗ୍ୟ , ଟିକିରି ଷ୍ଟେଶନରେ କରୋନା ପୂର୍ବରୁ ସମସ୍ତ ଟ୍ରେନ ରହଣୀ ହେଉଥିଲା। ଏବେ କରୋନା ଆଉ ନ ଥିବା ବେଳେ ରେଳବାଇ କର୍ତ୍ତୃପକ୍ଷଙ୍କ ବାରମ୍ବାର ପ୍ରତିଶ୍ରୁତି ପରେ ବି ସମଲେଶ୍ୱରୀ ଟ୍ରେନ କାହିଁକି ରହଣୀ ହେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରବିବାର ମଧ୍ୟ ରେଲୱେ କର୍ତ୍ତୃପକ୍ଷ ୭ ଦିନ ସମୟ ମାଗିଥିବା ଜଣାପଡିଛି।

# ମଝିଘରିଆଣୀଙ୍କୁ ଦର୍ଶନ କଲେ ଆନ୍ଧ୍ରପ୍ରଦେଶ ବାଚସ୍ପତି

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ, ୭।୫

ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ତାମ୍ମିନେନି ସୀତାରାମ ରବିବାର ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଦର୍ଶନ କରିଛନ୍ତି। ବାଚସ୍ପତି ସପରିବାର ରାୟଗଡ଼ା ଗସ୍ତରେ ଆସି ମା’ଙ୍କ ଦର୍ଶନ କରିଥିଲେ। ରାୟଗଡା ଦେବୋତ୍ତର ବିଭାଗ ତଥା ମନ୍ଦିର ପରିଚାଳନା ଟ୍ରଷ୍ଟି ବୋର୍ଡ ପକ୍ଷରୁ ତାଙ୍କୁ ମା’ ମଝିଘରିଆଣୀଙ୍କ ଏକ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ମନ୍ଦିରର ବିକାଶମୂଳକ କାର୍ଯ୍ୟକୁ ନେଇ ଆନ୍ଧ୍ର ବାଚସ୍ପତି ମନ୍ଦିର ପରିଚାଳନା କମିଟି ସଭାପତି ରାଇସିଂ ବିଡ଼ିକାଙ୍କ ସହିତ ଆଲୋଚନା କରିଛନ୍ତି। ମନ୍ଦିରର ନିଜସ୍ୱ ଅଧିକ ଜାଗା ନ ଥିବାରୁ ବିକାଶମୂଳକ କାର୍ଯ୍ୟ ହୋଇପାରି ନ ଥିଲା । ବର୍ତ୍ତମାନ ରେଲୱେ ବିଭାଗ ପକ୍ଷରୁ ଜମି



ଆନ୍ଧ୍ର ବାଚସ୍ପତିଙ୍କୁ ମା’ ମଝିଘରିଆଣିଙ୍କ ଫଟୋଚିତ୍ର ପ୍ରଦାନ କରାଯାଉଛି।

ହସ୍ତାନ୍ତର କରାଯାଇଛି, ଆଗାମୀ ଦିନରେ ଉନ୍ନତୀକରଣ କାର୍ଯ୍ୟ ହେବ ବୋଲି ସେ କହିଥିଲେ। ବାଚସ୍ପତି ସୀତାରାମଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଓ ତହସିଲଦାର ତାପସ ରାଉତ, ମନ୍ଦିର ଟ୍ରଷ୍ଟି ସଦସ୍ୟ ରାଧାକୃଷ୍ଣ ଦଳେଇ, ଇପିଲି ରାଜୁ, ମନ୍ଦିର ଅଧୀକ୍ଷକ ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ରାୟଗଡ଼ା ଜିଲା ଏବଂ ଜିଲାର ଜନସାଧାରଣଙ୍କୁ ଭଲ ପାଆନ୍ତି ବୋଲି ବାଚସ୍ପତି କହିଥିଲେ। ସମୟ ସୁବିଧା ହେଲେ ଆଗାମୀ ଦିନରେ ଏଭଳି ମା’ଙ୍କ ଦର୍ଶନ ପାଇଁ ଆସୁଥିବେ ବୋଲି ପ୍ରକାଶ କରିଛନ୍ତି ।

#### ଚିଟଫଣ୍ଡ ଠକେଇ ଅଭିଯୋଗ,

## ୪ ଜଣଙ୍କ ନାଁରେ ମାମଲା ରୁଜୁ

ଗୁଣପୁର,୭।୫(ଡି.ଏନ୍.ଏ.)– ରାୟଗଡା ଜିଲା ଗୁଣୁପୁର ଥାନାରେ ଚିଟଫଣ୍ଡ ଠକେଇ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ଏତଲା ଆଧାରରେ ୪ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଗୁଡାରି ଥାନା କିମାଖୋଲାର ମୃଦୁଲତା ମାଣ୍ଡାଙ୍ଗି ଥାନାରେ ଅଭିଯୋଗ କରିଛନ୍ତି ଯେ, ଗୁଣପୁର ଅଞ୍ଚଳର ୩ ଜଣଙ୍କ ସମେତ ଓ ଅନ୍ୟଜଣେ ବ୍ୟକ୍ତି କେତେକ ବ୍ୟାଙ୍କ, ଅର୍ଥ ଲଗାଣକାରୀ ସଂସ୍ଥାରେ ଟଙ୍କା ଜମା କଲେ ବହୁ ସୁଧ,ଋଣ ଆଦି ମିଳିବ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରବର୍ତ୍ତାଇଥିଲେ । ୩୦ ହଜାର ଟଙ୍କା ଦେଲେ ସୁଧ ସହ ଫେରସ୍ତ ଦିଆଯିବ । ଏହି ଟଙ୍କାରେ ଜନସେବା କେନ୍ଦ୍ର, କୋଚିଂ ସେଣ୍ଟର,ସିଲେଇ କେନ୍ଦ୍ର, ମେଡ଼ିକାଲ ସେଣ୍ଟର ଆଦି କରାଗଲେ ମହିଳାମାନଙ୍କୁ ସେଠାରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ । ସମ୍ପୃକ୍ତ ବ୍ୟକ୍ତିମାନଙ୍କ କଥାକୁ ବିଶ୍ୱାସ କରି ଏସ୍‌ଏଚଜି ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ । ତେବେ ସେମାନଙ୍କ କଥା ମୁତାବକ ଏହି ଟଙ୍କା ଫେରସ୍ତ କରାଯାଇ ନ ଥିବାରୁ ଥାନାରେ ଏତଲା ଦିଆଯାଇଛି । ପୋଲିସ ଏତଲା ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି । ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ବିକାଶ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

ଡାବୁଗାଁ, ୭।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମିଶନଶକ୍ତି ଗୃହ ପାଚେରିକୁ ଲାଗିଥିବା ରାସ୍ତା କଡରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଡାବୁଗାଁ ବ୍ଲକ ଡଙ୍ଗରୀଗୁଡା ପଞ୍ଚାୟତ ଜୟନ୍ତୀନଗର ଗ୍ରାମର କୃଶ ହରିଜନଙ୍କ ପୁଅ ବିଷ୍ଣୁ ହରିଜନ (୨୮)। ଶନିବାର ବିଳମ୍ବିତ ରାତ୍ରିରେ ବିଷ୍ଣୁ କୌଣସି କାରଣରୁ ଘରୁ ବାହାରିଯାଇଥିଲେ। ସେ ଆଉ ରାତିରେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମିଶନଶକ୍ତି ଗୃହ ପାଚେରିକୁ ଲାଗିଥିବା ରାସ୍ତାରେ ଯାଉଥିବା ଲୋକେ ମୃତଦେହ ଦେଖିଥିଲେ। ଏହି ଖବର ପ୍ରଚାର ହେବାପରେ ଗ୍ରାମର ବହୁ ଲୋକେ ସେଠାକୁ ଯାଇ ଯୁବକ ବିଷ୍ଣୁ ବୋଲି ଚିହ୍ନି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ମୃତକଙ୍କ ମା’ ଯମୁନା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାଧିକାରୀ ସୁନୀଲ ପ୍ରଧାନ, ସବଇନ୍ସପେକ୍ଟର ଚନ୍ଦନ ସାହୁ, ଏଏସ୍‌ଆଇ ଶିଶିରକାନ୍ତ ଘୋଷ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସାଇଣ୍ଟିଫିକ ଦଳ ସହ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ବିଷ୍ଣୁଙ୍କ ମୃତଦେହ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୯୪/୨୩ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।



ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରୁଛି।

# ଅବସରର ଆଠ ବର୍ଷ ପରେ ବି ପେନ୍‌ସନ୍‌କୁ ଅପେକ୍ଷା

ନନ୍ଦାହାଣ୍ଡି,୭।୫(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମୁଖ୍ୟାଳୟରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଦୀର୍ଘ ୨୬ ବର୍ଷ ମେସେଞ୍ଜର ଭାବେ କାମ କରି ଆଠ ବର୍ଷ ପୂର୍ବେ ଅବସର ଗ୍ରହଣ କରିଛନ୍ତି ଡଙ୍ଗରଭେଜା ଗ୍ରାମର ୬୮ ବର୍ଷୀୟ ହରିଶ୍ଚନ୍ଦ୍ର ନାୟକ। ଅବସରର ୮ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏ ପେନସନ ମିଳୁନି। ଇତି ମଧ୍ୟରେ ମଧୁମେହ ରୋଗ ଗ୍ରାସ କରିଥିବା ସହ ହାତ ଗୋଡ଼ ପକ୍ଷାଘାତ। ଏକମାତ୍ର ରୋଜଗାରିଆ ପୁଅ ସନ୍ତୋଷ ଅଚାନକ ହୃଦ୍‌ଘାତରେ ଆରପାରିକୁ ଚାଲିଗଲା ପରେ ଦୁଃଖର ପାହାଡ ପଡିଯାଇଛି ପରିବାର ଉପରେ। ଘରେ ବୃଦ୍ଧା ପତ୍ନୀ, ବିଧବା ବୋହୂ ଆଉ ୩ ବର୍ଷର ନାତୁଣୀଟିଏ। ରୋଜଗାରର କୌଣସି ଅନ୍ୟ ପନ୍ଥା ନାହିଁ। ଦୁଃଖ କଷ୍ଟରେ ଜର୍ଜରିତ ଆଜି ଏହି ପରିବାର ପେନସନ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ସାରିଲେଣି। ପେନସନ ପାଇଁ ସବୁ କାଗଜପତ୍ର ପଠାଯାଇଛି।



ସ୍ତ୍ରୀଙ୍କ ସହ ବୃଦ୍ଧ ହରିଶ୍ଚନ୍ଦ୍ର।

ଅତିଶୀଘ୍ର ପେନସନ ମିଳିଯିବ ବୋଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷ କହୁଥିବା ବେଳେ ଏହା ମଧ୍ୟରେ ୮ ବର୍ଷ ବିତିଗଲାଣି। ଏ ବାବଦରେ ମୋ ସରକାର, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଥିବାବେଳେ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ବିଭିନ୍ନ କ୍ଷେତ୍ରୀୟ ଶାଖାକୁ ଇମେଲ ମାଧ୍ୟମରେ ଜଣାଇବା ପରେ ମଧ୍ୟ ଫଳ ଶୂନ୍ୟ। ପ୍ରଶାସନ ହସ୍ତକ୍ଷେପ କରି ଯଥାଶୀଘ୍ର ପେନସନ ବ୍ୟବସ୍ଥା କଲେ ହରିଶ୍ଚନ୍ଦ୍ରଙ୍କ ପରିବାର ଉପକୃତ ହେବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଜଗନ୍ନାଥ ମନ୍ଦିର ଛକରୁ କୃଷକ ବଜାର ରାସ୍ତା ମରଣଯନ୍ତା

ନବରଙ୍ଗପୁର,୭।୫(ବି.ପ୍ର.)

ମରଣଯନ୍ତା ପାଲଟିଛି ନବରଙ୍ଗପୁର ପୌରପାଳିକା ଅଧୀନରେ ଥିବା ଜଗନ୍ନାଥ ମନ୍ଦିରରୁ ଏଲ୍‌ଆଇସି ଅଫିସ ପର୍ଯ୍ୟନ୍ତ ପିଚୁ ରାସ୍ତା। ରାସ୍ତା ମଧ୍ୟରେ ବଡ଼ ବଡ଼ ଗାତ ହୋଇଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ୧୨ ଲକ୍ଷ ୯ ହଜାର ୪୧୦ ଟଙ୍କା ଅଟକଳ ମୂଲ୍ୟରେ ହେବାକୁ ଥିବା ପିଚୁ ରାସ୍ତା ପାଇଁ ୧୮ ନଭେମ୍ବର ୨୦୨୧ରେ ପ୍ରଥମ ଟେଣ୍ଡର ଆହ୍ୱାନ ହୋଇଥିଲା। କିନ୍ତୁ କେହି ଅଂଶଗ୍ରହଣ କରି ନ ଥିବାରୁ ତାହା ରଦ୍ଦ ହୋଇଥିବାବେଳେ ଦ୍ୱିତୀୟ ଟେଣ୍ଡର ୫ ଜାନୁୟାରୀ ୨୦୨୨ରେ ଠିକାଦାର ଚୈତନ୍ୟ ମାଝି ପାଇଥିଲେ । ଟେଣ୍ଡର ପାଇବାର ୧୫ ମାସ ବିତିଯାଇଥିଲେ ସୁଦ୍ଧା ଠିକାଦାର କାମ ଆରମ୍ଭ କରିନାହିଁ । ଯଦ୍ଵାରା ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସହରବାସୀ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ରାସ୍ତା ସହରର ଦ୍ୱିତୀୟ ମୁଖ୍ୟ ରାସ୍ତା ବୋଲାଉ ଥିବାବେଳେ ପୌର ପ୍ରଶାସନ ଓ ଠିକାଦାରଙ୍କ ଉଦାସୀନତା ମନଭାବ ଯୋଗୁ ସାଧାରଣ ଲୋକେ ଅସୁବିଧାର ସମ୍ମିଖୀନ ହେଉଛନ୍ତି। ଏହି



ରାସ୍ତାରେ ହୋଇଥିବା ଖାଲରେ ପାଣି ଜମି ରହିଛି।

## ଠିକାଦାରଙ୍କ ଲାଇସେନ୍ସ ବ୍ଲାକ ଲିଷ୍ଟ କରିବା ଦାବି

ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ପୁରୁଣା ସଞ୍ଜୟ ଦୈନିକ ବଜାର ଓ ନୂତନ କୃଷକ ବଜାରକୁ ଯାତାୟାତ କରିଥାନ୍ତି। ୬୦ ଦିନ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ୧୫ ମାସ ବିତିଯାଇଥିଲେ ସୁଦ୍ଧା ଠିକାଦାର କାର୍ଯ୍ୟ ଆରମ୍ଭ କରିନାହିଁ। ପୌରପାଳିକା ପକ୍ଷରୁ ଠିକାଦାରଙ୍କୁ ଅଗଷ୍ଟ , ଡିସେମ୍ବର ୨୨ ଓ ମାର୍ଚ୍ଚ ୨୦୨୩ ରେ ତିନୋଟି କାମ ଆରମ୍ଭ କରିବା ପାଇଁ ନୋଟିସ ଦିଆଯାଇଥିଲେ ସୁଦ୍ଧା ସେ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ପୌରାଧକ୍ଷ କୁନୁ ନାୟକ ଠିକାଦାରଙ୍କ ସହ କଥା ହୋଇ ତୁରନ୍ତ କାମ ଆରମ୍ଭ କରିବାକୁ କହିଛନ୍ତି। ଠିକାଦାର ୧୫ ଦିନ ମଧ୍ୟରେ କାମ ଆରମ୍ଭ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ଗୋଟିଏ ମାସ ବିତିଯାଇଥିଲେ ସୁଦ୍ଧା ଠିକାଦାର ପ୍ରତିଶ୍ରୁତି ପାଳନ କଲେ ନାହିଁ। ୭ ଦିନ ମଧ୍ୟରେ ଠିକାଦାର କାମ ଆରମ୍ଭ ନ କଲେ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ ଓ ବ୍ଲାକ ଲିଷ୍ଟ କରିବାକୁ କାଉନସିଲର ଏ. ସତୀଶ, କାଉନସିଲର ପୁନମ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଠିକାଦାର ଚୈତନ୍ୟ ମାଝିଙ୍କୁ ପଚାରିବାରୁ ୨ଟି କାମର ବିଲ୍ ହୋଇ ନ ଥିଲା। ଏବେ ବିଲ୍ ମିଳିସାରିଛି। ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଜେକେ କାଗଜ କଳ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରାୟଗଡା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.),୭।୫

ଜେକେ କାଗଜ କଳ ସିଏସ୍‌ଆର ବିଭାଗ ପକ୍ଷରୁ ବିଶାଖାପାଟଣା ମେଡିକଭର ହସ୍ପିଟାଲ ସହଭାଗିତାରେ ରବିବାର ମଲ୍ଟି ସ୍ପେସାଲିଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିଶୁ ବିଶେଷଜ୍ଞ ଡା. ଅନିତା ତ୍ରିପାଠୀ, ହୃଦରୋଗ ବିଶେଷଜ୍ଞ ଡା. ଅର୍ଚ୍ଚନା ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ ପ୍ରବୀଣ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରାଧିକା, ଭେଷଜ ବିଶେଷଜ୍ଞ ଆର୍.



ବିଶେଷଜ୍ଞ ଡାକ୍ତର ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେଉଛନ୍ତି।

ରାଜେଶ କୁମାର ଉପସ୍ଥିତ ରହି ଆଖପାଖ ଅଞ୍ଚଳର ୨୦୬ ଜଣ ରୋଗୀଙ୍କ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଜେକେ ପେପର ଡିପ୍ଲେନ୍ସାରିର ମୁଖ୍ୟ ଚିକିତ୍ସା ଅଧିକାରୀ କେ. ଭି. ରାଓ ଓ ପଦ୍ମା ଯଶବନ୍ତ ପରିଚାଳନା କରିଥିଲେ। ଜେକେ ପେପର ଉପସଭାପତି (ବାଣିଜ୍ୟ) ବିଶ୍ୱଜିତ୍ ଦ୍ୱିବେଦୀ ଓ ମହାପ୍ରବନ୍ଧକ (ମାନବ ସମ୍ବଳ) ସନ୍ଦୀପ ପାଣ୍ଡେ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପ ଭୂମିପୂଜା କଲେ ଝରିଗାଁ ବିଧାୟକ

ଉମରକୋଟ, ୭।୫(ସ୍ୱ.ପ୍ର.)

ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବା ଉମରକୋଟ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି କେତେକ ପ୍ରକଳ୍ପର ଭୂମି ପୂଜା କରିଛନ୍ତି। ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୩୫.୫ଲକ୍ଷ ଟଙ୍କାରେ ପ୍ରକଳ୍ପ ତିଆରି କରାଯିବ। ବଡଭରଣ୍ଡିରେ ମାତାଗୁଡ଼ି ପାଇଁ ୩ ଲକ୍ଷ, ରାଜପୁର ପଞ୍ଚାୟତର ଜାମପଦରରେ ଭୀମଭୋଇ ପ୍ରତିମୂର୍ତ୍ତି ପାଇଁ ୩ଲକ୍ଷ, ରାଜପୁର ପଞ୍ଚାୟତ ଅଧୀନରେ ଆସୁଥିବା କମ୍ୟୁନିଟି ହଲ ପାଇଁ ଦେଢ଼ ଲକ୍ଷ, ସିଂସାରୀ ପଞ୍ଚାୟତର ଦଣ୍ଡିବେଡ଼ାରେ ଦେଢ଼ଲକ୍ଷ ଟଙ୍କାର ମାତାଗୁଡ଼ି, ରାଉତଗୁଡା କାଳୀସୁନ୍ଦରୀ ମନ୍ଦିର ପାଇଁ ୩ ଲକ୍ଷ, ଭଣ୍ଡାରିଗୁଡା ପଞ୍ଚାୟତର ଡଙ୍ଗରଗୁଡାରେ ୭.୫ ଲକ୍ଷରେ ଦୁର୍ଗାମଣ୍ଡପ ଓ ଭଙ୍ଗାରାମ ମନ୍ଦୀର, ମୁଣ୍ଡିଗୁଡା ପଞ୍ଚାୟତ ସିନ୍ଦିପଦରରେ ୩ ଲକ୍ଷରେ ଗୁଣ୍ଡୁଭୈରବ ମନ୍ଦିର, ବଡ



ବିଧାୟକ ଭୂମିପୂଜା କରିବାକୁ ଯାଉଛନ୍ତି।

## ବିଧାୟକ ପାଣ୍ଠିରୁ ଖର୍ଚ୍ଚ କରାଯିବ ୩୫.୫ ଲକ୍ଷ

କୁମାରୀ ପଞ୍ଚାୟତର ମାଲବେଡ଼ାରେ ୨ ଲକ୍ଷରେ ଶିବ ମନ୍ଦିର,ଖାଣ୍ଡା ପଞ୍ଚାୟତ ଆଦିବାସୀ ଗ୍ରାମରେ ୪.୫ ଲକ୍ଷ ଟଙ୍କାର ମାତାଗୁଡ଼ି, ଭାମିନି ପଞ୍ଚାୟତର ବୈପାରିଭଟ୍ଟାରେ ଦେଢ଼ ଲକ୍ଷରେ କମ୍ୟୁନିଟି ହଲ, ଜାମରୁଣ୍ଡାର ଦୁଗଲାହାଣ୍ଡିରେ ୨ ଲକ୍ଷରେ ଇଂଲାନୀ ମାତାଗୁଡ଼ି, ବେନରା ପଞ୍ଚାୟତର ସଙ୍କରଡା ଆଦିବାସି ଗ୍ରାମରେ ୩ଲକ୍ଷ ଟଙ୍କାର ଝଲିମାତାଗୁଡ଼ି ନିର୍ମାଣ ନେଇ ଭୂମିପୁଜା ହୋଇଛି। ଏହି ସମୟରେ ରାଜ୍ୟ ସରକାରଙ୍କ ଉଠା ଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ କୁମାର ପାତ୍ରୀ, ବ୍ଲକ ସଭାପତି ଅଜିତ ପ୍ରଧାନ, ସଞ୍ଜୟ ଗୁପ୍ତା, ଜିଲା ପରିଷଦ ସଦସ୍ୟ ଡାଳିମ୍ବ ଭତ୍ରା, ଛାୟା ବିଶ୍ୱାସ, ଚନ୍ଦନ ରାୟ, ବରିଷ୍ଠ ବିଜେଡି ନେତା ଦେବୀସିଂ ମାଝି, ଉଦ୍ଧବ ନାୟକଙ୍କ ସମେତ ଦଳୀୟ ସରପଞ୍ଚ, ସମିତିସଭ୍ୟ ଓ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

# ଅଦାଚାଷର ବିକାଶ ପାଇଁ ପ୍ରୋତ୍ସାହନ ଅଭାବ

ଉମରକୋଟ, ୭।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ସିଲାଟି ଓ ଯାମରୁଣ୍ଡା ଅଞ୍ଚଳର କେତେଜଣ ବଙ୍ଗୀୟ ଚାଷୀ ଅଦାଚାଷ କରିଛନ୍ତି, ଯାହାକି ବହୁତ ଭଲ ହୋଇଛି। ଉମରକୋଟ ଅଞ୍ଚଳର ଜଳବାୟୁ ଅଦା ଚାଷ ପ୍ରତି ଅନୁକୂଳ ରହିଥିବା ଏଥିରୁ ଜଣାପଡ଼େ। ଉମରକୋଟ, ରାଇଘର ଓ ଝରିଗାଁ ଅଞ୍ଚଳର ଚାଷୀମାନେ ଅଳ୍ପ ଅଳ୍ପ ଜମିରେ ଅଦା ଚାଷ କରନ୍ତି। ଫସଲ ମଧ୍ୟ ଭଲହୁଏ। କିନ୍ତୁ ଏଠାରେ ସଚେତନତା ଅଭାବ ଓ ବିଭାଗ ପକ୍ଷରୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏପରି ଏକ ଲାଭବାନ ଫସଲ ପ୍ରତି ଚାଷୀ ମନ ବଳାଉନାହାନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଉଦ୍ୟାନ ବିଭାଗ ଯଦି ଚାଷୀମାନଙ୍କୁ ଅଦାଚାଷ ପ୍ରତି ସଚେତନ କରନ୍ତେ ତେବେ ଏଠାକାର ଚାଷୀ ନିଶ୍ଚିତ



ଭାବରେ ଅଦାଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ସେମାନେ କହିଛନ୍ତି।

ସପ୍ତାହକ ତଳେ ଯେଉଁ ଅଦା ୮୦ ଟଙ୍କାରେ ମିଳୁଥିଲା ତାହାର ବର୍ତ୍ତମାନ ହୋଲସେଲ ରେଟ ୧୫୦ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ସେମିଳିଗୁଡ଼ାରେ ଅଦା ବେପାରୀମାନେ ଅଦା କିଲୋ ପ୍ରତି ୧୪୮ ଟଙ୍କାରେ ବିକ୍ରି କରୁଛନ୍ତି। ଉକ୍ତ ଅଦା ଉମରକୋଟ ଆସିବା ବେଳକୁ ୧୭୦ ଟଙ୍କାରେ ବିକ୍ରି ହେବ ବୋଲି ଜଣେ ବେପାରୀ କହିଛନ୍ତି। ଅଳ୍ପ ଦିନ ମଧ୍ୟରେ ଅଦା କିଲୋ ପ୍ରତି ୨ଶହ ଟଙ୍କାରେ ପହଞ୍ଚିବ ବୋଲି ବ୍ୟବସାୟୀ କହୁଛନ୍ତି। ଅଦା ସାଧାରଣତଃ ସେମିଳିଗୁଡା ଅଞ୍ଚଳରୁ ନବରଙ୍ଗପୁର ତଥା ଉମରକୋଟ ବଜାରକୁ ଆସିଥାଏ। ଗତ ବର୍ଷ ଅଦାର ଦର ବହୁତ କମିଯିବାରୁ ଚଳିତ ବର୍ଷ ଚାଷୀ ଅଦାଚାଷ କରି ନ ଥିବା ଜଣାପଡ଼ିଛି। ଫଳରେ ଅଦାର ଦାମ କ୍ରମାଗତ ବଢ଼ିବାରେ ଲାଗିଛି। ଅନ୍ୟପଟେ କେରଳ ଓ କର୍ଣ୍ଣାଟକର କେତେଜଣ ଅଣ ଓଡ଼ିଆ ଚାଷୀ ଉମରକୋଟ ଓ ଛତିଶଗଡ଼ ସୀମାରେ ହଜାର ହଜାର ଏକର ଜମିରେ ଅଦା ଲଗାଇ ଚେନ୍ନାଇ ଓ ବାଙ୍ଗାଲୋର ପଠାଇ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଫଳରେ ଏହି ଅଦା ସବୁ ସେଠାକୁ ଚାଲିଯାଉଛି।

ଉମରକୋଟ କନିଷ୍ଠ ଉଦ୍ୟାନ ବିଭାଗର ଅଧିକାରୀ ସରୋଜ କୁମାର ସେନାପତିଙ୍କୁ ପଚାରିବାରୁ ୨୦୧୨–୧୩ରେ ଚାଷୀଙ୍କ ପାଇଁ ହଳଦୀ ବିହନ ଆସିଥିଲା । କିନ୍ତୁ ନବରଙ୍ଗପୁର ଅଞ୍ଚଳର ଚାଷୀ ହଳଦୀ ଚାଷ ପ୍ରତି ଏତେଟା ଆଗ୍ରହ ପ୍ରକାଶ କଲେ ନାହି। ବର୍ତ୍ତମାନ ଚାଷୀଙ୍କ ପାଇଁ ଅଦା ଓ ହଳଦୀ ବିହନ ରିହାତି ଦରରେ ଦେବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତ। ଉମରକୋଟରେ ଉଦ୍ୟାନ ବିଭାଗର ଅଧିକାରୀ ରହୁ ନ ଥିବାରୁ ଚାଷୀମାନେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି। ଏଠାରେ ଜଣେ ନିୟମିତ ଉଦ୍ୟାନ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

